# Akashvani, Sambalpur

## SAMBALPURI NEWS EVENING BULLETIN

## 13 December 2024- 7.02 pm- 7.12 pm.

*************************************************

୧- ନୂଆଦିଲ୍ଲୀ ନ ଆଏବା କାଏଲ୍‌ଠାନୁ ମୁଲ୍ ହେଉଛେ ୨ ଦିନିଆ ମୁଖ୍ୟ ଶାସନ୍ ସଚିବ ସମ୍ମିଳନୀ ।

୨- ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟସ୍ତରୀୟ ନିଯୁକ୍ତି ମେଳାଥି ୩ ଶହ ୭୬ ଝନ୍‌କୁ ଦେଲେ ନିଯୁକ୍ତି ପତ୍ର ।

୩- ଓଡ଼ିଶାନୁ ଗୁଟେ ରାଜ୍ୟସଭା ଆସନ୍ ଲାଗି ହେଇଥିବା ନିର୍ବାଚନ୍‌ଥି ନିର୍ଦ୍ୱନ୍ଦଥି ନିର୍ବାଚିତ୍ ହେଲେ ସୁଜିତ୍ କୁମାର୍ ।

ଆଉର୍

୪- ୨୦୦୧ ସଂସଦ୍ ଆକ୍ରମଣ୍‌କେ ଆଏଜ୍ ପୁର୍‌ଲା ୨୩ ବଛର୍- ଶହୀଦ୍ ଯବାନ୍‌ମାନ୍‌କୁ ଦେଶ୍‌ବାସୀ ଦେଲେ ଶ୍ରଦ୍ଧାଞ୍ଜଳି ।

ମୁଖ୍ୟ ଶାସନ୍ ସଚିବ ସମ୍ମିଲନୀ      ପି.ଆଇ.ବି.

ନୂଆଦିଲ୍ଲୀ ନ ଦେଶର୍ ମୁଖ୍ୟ ଶାସନ୍ ସଚିବ ମାନ୍‌କର୍ ୪ ନମ୍ବର୍ ଜାତୀୟ ସମ୍ମିଲନୀ ହେବା । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧକ୍ଷତାଥି ଆଏବା କାଏଲ୍ ଆର୍ ପର୍‌ଦିନ୍ ହେବାର୍‌କେ ଥିବା ଇ ସମ୍ମିଲନୀଥି ରାଜ୍ୟ ମାନ୍‌କର୍ ମୁଖ୍ୟ ଶାସନ୍ ସଚିବ ଆର୍ କେନ୍ଦ୍ରଶାସିତ୍ ଅଂଚଲ୍‌ର ବରିଷ୍ଠ ପଦାଧିକାରୀ ଆର୍ ବିଶେଷଜ୍ଞମାନେ ଯୋଗ୍ ଦେବେ । ଇ ସମ୍ମିଲନୀଥି ଉଦ୍ୟୋଗ ବିକାଶ୍, ଦକ୍ଷତା ବୃଦ୍ଧି ଆର୍ ନିଯୁକ୍ତି ସୁଯୋଗ୍ ସୃଷ୍ଟି କର୍‌ବାର୍ ଉପ୍‌ରେ ବିଶେଷ୍ ଧ୍ୟାନ୍ ଦିଆଯିବା । ଉତ୍ପାଦନ, ନିଯୁକ୍ତି, ଗ୍ରାମାଂଚଲ ଅଣଫାର୍ମ, ସହରାଂଚଲ୍, ଅକ୍ଷୟଶକ୍ତି ଆର୍ ଚଲନ୍‌କ୍ଷମ ଅର୍ଥନୀତି ବାଗିର୍ ୬ ଟା ବିଷେଥି ଆଲୋଚନା ହେବା । ଇତାର୍‌ବାଦ୍ ବିକଶିତ୍ ଭାରତ୍ ଲାଗି ଅଗ୍ରଣୀ ଯାନ୍ତ୍ରିକ ବିଦ୍ୟା, ଅର୍ଥନୀତିର୍ ପେଣ୍ଡସ୍ଥଲ୍ ଭାବେ ବିକଶିତ୍ ସହର୍, ପୁଞ୍ଜିନିବେଶ୍ ଲାଗି ରାଏଜେ ଆର୍ଥିକ୍ ସୁଧାର୍, ମିଶନ୍ କର୍ମଯୋଗୀ ଜରିଏ ଦକ୍ଷତା ବୃଦ୍ଧି ବାଗିର୍ ୪ ଟା ବିଷେଥି ଖାସ୍ ଅଧିବେଶନ୍ ବସ୍‌ବା । କୃଷି ଆତ୍ମନିର୍ଭରଶୀଲ୍, ବୟସ୍କଙ୍କର୍ ଲାଗି ସହାୟତା ଅର୍ଥନୀତି, ପ୍ରଧାନ୍‌ମନ୍ତ୍ରୀ ସୂର୍ଯ୍ୟଘର୍ ଆର୍

ଭାରତୀୟ ଜ୍ଞାନ୍ ପରମ୍ପରା ବିଷେଥି ଭିଲ୍ ଅଧିବେଶନ୍ ବସିବା ।

ନିଯୁକ୍ତିପତ୍ର- ମୁଖ୍ୟମନ୍ତ୍ରୀ ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ରାଜ୍ୟସ୍ତରୀୟ ନିଯୁକ୍ତି ମେଳାଥି ନୂଆଁକରି ଚାକିରୀ ପାଇଥିବା ୩ ଶହ ୭୬ ଝନ୍ ୟୁଆନ୍ ପିଲା ଟୁକେଲ୍ଙ୍କୁ ନିଯୁକ୍ତିପତ୍ର ବାଂଟିଛନ୍ । ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ହେଇଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ୮୫ ଝନ୍ ହୋମିଓପାଥିକ୍ ମେଡ଼ିକାଲ୍ ଅଫିସର୍ ଆର୍ ୨ ଶହ ୩୯ ଝନ୍ ରେଡ଼ିଓଗ୍ରାଫର୍ଙ୍କୁ ନିଯୁକ୍ତିପତ୍ର ବାଂଟିଛନ୍ । ସେନ୍ତା ଉଚ୍ଚଶିକ୍ଷା ବିଭାଗ୍ ଅଧିନ୍ଥି ୫୨ ଝନ୍ ଅଧ୍ୟାପକଙ୍କୁ ଭିଲ୍ ନିଯୁକ୍ତିପତ୍ର ଦିଆଯାଇଛେ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଇହାଦେ ରାଏଜେ ୧୨ ଟା ମେଡ଼ିକାଲ୍ କଲେଜ୍ ରହିଛେ ଆର୍ ଆଏବା ୫ ବଛର୍ ଭିତ୍ରେ ଫି’ ଜିଲ୍ଲାଥି ମେଡ଼ିକାଲ୍ କଲେଜ୍ ମାନ୍ ଥାପ୍ନା କରାଯିବା । ସେ କହିଛନ୍ ଯେ, ଦେଶର୍ ପହେଲା ୧୦ ଟା ସେବା ପ୍ରଦାନ୍କାରୀ ରାଜ୍ୟ ଭିତ୍ରେ ଆମ୍କୁ ରଖିବାର୍କେ ପଡ଼୍ବା । ଇ ବଛର୍ ସ୍ୱାସ୍ଥ୍ୟ ବଜେଟ୍ଥି ଆଘର୍ ବଛର୍ନୁ ୩୨ ପ୍ରତିଶତ୍ ଅଏତ୍କା

ବ୍ୟୟବରାଦ୍ କରାଯାଇଛେ । ଇତାର୍ ବଡ଼ଭାଗୀ ଟଙ୍କା ସ୍ୱାସ୍ଥ୍ୟ ଭିତିଭୂମି ନିର୍ମାଣ୍ଥି ଖର୍ଚ୍ଚା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ନର୍ସିଂ କଲେଜ୍ ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟର୍ କୋରାପୁଟ୍, ବଲାଙ୍ଗିର୍, ପୁରୀ, ବାଲେଶ୍ୱର୍, ଯାଜ୍ପୁର୍, ଅନୁଗୁଲ୍ ଆର୍ ମୟୁର୍ଭଞ୍ଜ୍ ନ ନର୍ସିଂ କଲେଜ୍ ଖୁଲ୍ବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ଇସବୁ ନର୍ସିଂ କଲେଜ୍ର ଶିଲାନ୍ୟାସ୍ କର୍ବେ । ଫି’ କଲେ୍ଜ୍ ଲାଗି ୧୦ କୋଟି କରି ମୋଟ୍ ୭୦ କୋଟି ଟଙ୍କାର୍ ବଜେଟ୍ଥି ବ୍ୟବସ୍ଥା କରାଯାଇଛେ । ଇ ସବୁ କଲେଜ୍ ମାନ୍କେ ଫି’ ବଛର୍ ୬୦ ଝନ୍ ଲେଖା ଛାତ୍ରଛାତ୍ରୀ ନାଁଲେଖାବାର୍ ସୁଯୋଗ୍ ପାଏବେ । ଆଉ ଇସବୁ କଲେଜ୍ନୁ ଫି’ ବଛର୍ର୍ ୪ ଶହ ୨୦ ଝନ୍ ଛାତ୍ରଛାତ୍ରୀ ପାସ୍ କର୍ବେ ।

ସୁଜିତ୍ କୁମାର୍ ନିର୍ଦ୍ଵନ୍ଦଥି ନିର୍ବାଚିତ ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶାନୁ ଗୁଟେମାତ୍ର ରାଜ୍ୟସଭା ଆସନ୍ ଲାଗି ହେଇଥିବା ନିର୍ବାଚନ୍ଥି ବିଜେପି ପ୍ରାର୍ଥୀ ସୁଜିତ୍ କୁମାର୍ ନିର୍ଦ୍ଵନ୍ଦଥି ନିର୍ବାଚିତ୍

ହେଇଛନ୍ । ଉପ ନିର୍ବାଚନ୍ ଲାଗି ସୁଜିତ୍ ଏକ୍ଲା ନାମାଙ୍କନ୍ ଦାଖଲ୍ କରିଥିବାର୍‌ନୁ ନିର୍ବାଚନ୍ ଅଧିକାରୀ ଅବନୀକାନ୍ତ ପଟ୍ଟନାୟକ୍ ତାଙ୍କୁ ବିଜୟୀ ଘୋଷ୍‌ନା କରିଛନ୍ । ନିର୍ବାଚିତ୍ ହେବାର୍ ଉତ୍‌ରୁ ସୁଜିତ୍ କୁମାର୍ ତାଙ୍କର୍ ପ୍ରତିକ୍ରିୟାଥି କହିଛନ୍ ଯେ, ଆଗ୍‌କେ ସଂସଦ୍ ନ କଲାହାଣ୍ଡି ଆର୍ ଓଡ଼ିଶାର୍ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉଠାବେ ।

ଇନ ଜନେଇ ଦିଆଯାଇପାରେ ଯେ, ଗଲା ସେପ୍ଟେମ୍ବର୍ ୬ ତାରିଖ୍ ସୁଜିତ୍ କୁମାର୍ ରାଜ୍ୟସଭା ସଦସ୍ୟ ପଦ୍‌ନୁ ଇସ୍ତଫା ଦେଇଥିଲେ । ଇତାର୍‌ପରେ ନିର୍ବାଚନ୍ ଲାଗି ବିଜ୍ଞପ୍ତି ବାହାରିଥିଲା । ସେ ବିଜେପି ଦଲ୍ ତର୍‌ଫୁ ଗଲା ୯ ତାରିଖ୍ ଦିନ ନାମାଙ୍କନ୍ ଦାଖଲ୍ କରିଥିଲେ । ରାଜ୍ୟସଭା ସଦସ୍ୟ ଭାବେ ତାଙ୍କର୍ କାର୍ଯ୍ୟକାଳ ଏପ୍ରିଲ୍ ୨୦୨୬ ତକ୍ ରହେବା ।

ରତ୍ନଭଣ୍ଡାର୍ ମରାମତି ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ଛତିଶା ନିଯୋଗ୍ ବୈଠକ୍‌ର ନିଷ୍ପତି ଅନ୍‌ସାରେ ଆଏବା ୧୭ ତାରିଖ୍‌ନୁ ରତ୍ନଭଣ୍ଡାର୍ ମରାମତି କାମ୍ ମୁଲ୍ ହେବା । ଏଏସ୍‌ଆଇଙ୍କର୍ ତର୍‌ଫୁ ଇ ମରାମତି କାମ୍ ହେବାର୍‌କେ ଥିବାର୍ ବେଲେ ରାଜ୍ୟ ସର୍‌କାର୍‌ଙ୍କର୍ ମାର୍ଗଦର୍ଶିକା ଅନ୍‌ସାରେ ସବୁ କାମ୍ କରାଯିବା ବଲି

ବୈଠକ୍‌ଥି ନିଷ୍ପତି ନିଆଯାଇଛେ । ଇ ବାବ୍‌ଦେ ଶ୍ରୀମନ୍ଦିର୍ କାର୍ଯ୍ୟାଲୟ ଠାନେ ଉପମୁଖ୍ୟପ୍ରଶାସକ୍ ଆର୍ ପୁରୀ ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ପୁରୀ ଆରକ୍ଷୀ ଅଧିକ୍ଷକ, ଏଏସ୍‌ଆଇ ଅଧିକାରୀଙ୍କର୍ ସହେତେ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗ୍ ଦେଇଥିଲେ । ଦ୍ୱିତୀୟ ଭୋଗ ମଣ୍ଡପ ନୀତି ଉତ୍‌ରୁ ମରାମତି କାମ୍ କରାଯିବା ଆର୍ ଇ ସମିଆଥି ବାହାର କାଠ ପାଖୁ ସାଧାରଣ ଦର୍ଶନ୍ ହେଇପାର୍‌ବା ବଲି ବୈଠକ୍‌ଥି ଆଲୋଚନା କରାଯାଇଥିଲା ।

ଫଂଚାୟତ୍ ପୁରସ୍କାର୍ ବିଜେତା ସମ୍ବର୍ଦ୍ଧିତ I&PR

ରାଷ୍ଟ୍ରପତିଙ୍କର୍‌ନୁ ଜାତୀୟ ଫଂଚାୟତ୍ ପୁରସ୍କାର୍ ପାଇଥିବା ରାଜ୍ୟର୍ ସବୁ ଅଧିକାରୀ ଆର୍ ସଦସ୍ୟମାନ୍‌କୁ ଆଏଜ୍ ସମ୍ବର୍ଦ୍ଧିତ୍ କରାଯାଇଛେ । ଭୁବ୍‌ନେଶ୍ୱର୍ ଠାନେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ୍ ଆର୍ ଫଂଚାୟତିରାଜ୍ ପ୍ରତିଷ୍ଠାନ୍ ସମ୍ମିଳନୀ କକ୍ଷ ନ ଗୁଟେ କାର୍ଯ୍ୟକ୍ରମ୍‌ଥି ଫଂଚାୟତିରାଜ୍, ପାନୀୟ ଜଳ ଆଉ ଗ୍ରାମ୍ୟଉନ୍ନୟନ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ବିଜେତାମାନ୍‌କୁ ସମ୍ବର୍ଦ୍ଧିତ୍ କରିଛନ୍ । ମନ୍ତ୍ରୀ ଶ୍ରୀ ନାଏକ୍

ସେମାନ୍କର୍ ଚେଷ୍ଟା ଲାଗି ସାରା ରାଜ୍ୟ ଆଏଜ୍ ଗର୍ବିତ ବଲି କହିଛନ୍ ।

ସଂସଦ୍ ଆତଙ୍କବାଦୀ ଆକ୍ରମଣ-୧୧ ବଛର୍   ଏନ୍ଏସ୍ଡି

ସଂସଦ୍ ଉପ୍ରେ ଆତଙ୍କବାଦୀ ଆକ୍ରମଣ୍କେ ଆଏଜ୍ ୨୩ ବଛର୍ ପୁରିଛେ । ୨୦୦୧ ମସିହା ଆଝିର୍ ଦିନେ ସଂସଦ୍ ନ ହେଇଥିବା ଆତଙ୍କବାଦୀ ଆକ୍ରମଣ୍କେ ରୁକ୍ବାର୍ ଲାଗି ନିୟୋଜିତ୍ ସୁରକ୍ଷା କର୍ମୀମାନେ ଅପୂର୍ବ ସାହସ୍ ଆର୍ ସାମର୍ଥ୍ୟର୍ ପ୍ରଦର୍ଶନ୍ କରିଥିଲେ । ହେଲେ ଇ ଆକ୍ରମଣ୍ଥି ସଂସଦ୍ ସୁରକ୍ଷା ସେବା, ଦିଲ୍ଲୀ ପୁଲିସ୍, ସିଆର୍ପିଏଫ୍ ଆର୍ ସିପିଡବ୍ଲୁଡିର ୮ ଝନ୍ ସୁରକ୍ଷା କର୍ମୀ ଆର୍ ଝନେ କର୍ମଚାରୀ ଶହୀଦ୍ ହେଇଥିଲେ । ଇ ଆକ୍ରମଣ୍ଥି ଶହୀଦ୍ ହେଇଥିବା ସୁରକ୍ଷା କର୍ମୀମାନ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି ଆଏଜ୍ ଲୋକ୍ସଭା ତଥା ରାଜ୍ୟସଭା ନ ନୀରବ୍ ପ୍ରାର୍ଥନା କରାଯାଇଥିଲା ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆର୍ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶହୀଦ୍ ମାନ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ରାଷ୍ଟ୍ରପତି ସେମାନ୍କର୍ ସାହସ୍ ଆର୍ ନିସ୍ୱାର୍ଥ ସେବାକେ ସୁର୍ତା କରିକରି କହିଛନ୍ ଯେ, ଶହୀଦ୍ ସୁରକ୍ଷା କର୍ମୀମାନ୍କର୍ ବଳିଦାନ୍ ଦେଶ୍ ଲାଗି ପ୍ରେରଣାର୍

ସ୍ରୋତ ହେବା । ରାଷ୍ଟ୍ରପତି ଆହୁରି ଭିଲ୍ କହିଛନ୍ ଯେ, ଦେଶ୍ ଆତଙ୍କବାଦ୍ ବିରୋଧିଥି ଅହରହ ଲଢୁଛେ । ଇ ଅବ୍ସରେ ପ୍ରଧାନ୍ମନ୍ତ୍ରୀ ସୁରକ୍ଷାକର୍ମୀମାନ୍କର୍ ତ୍ୟାଗ ସବୁବେଲେ ପ୍ରେରଣା ଦେବା ଆର୍ ସେମାନ୍କର୍ ସାହସ୍ ଲାଗି ଦେଶ୍ ସବୁଦିନ୍ କୃତଜ୍ଞ ବଲି କହିଛନ୍ ।

ଜନଅଭିଯୋଗ୍ ଶୁଣାଣି          ସିଏମ୍ଓ

ଭୁବ୍ନେଶ୍ୱର୍ ୟୁନିଟ୍ -୫ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ପ୍ରକୋଷ୍ଠ ଠାନେ ଆଏବା ୧୬ ତାରିଖ୍ ସୋମ୍ବାର୍ ଦିନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ହେବା । ଗଲା ଅକ୍ଟୋବର୍ ମାସ ୨୮ ତାରିଖିଥି ଅଭିଯୋଗ୍ କର୍ବାର୍ ଲାଗି ଯେନ୍ମାନେ ଆଘୋନୁ ପଞ୍ଜିକରଣ୍ କରିଥିଲେ ସେମାନ୍କର୍ ଖାଲି ଶୁଣାଣି ହେବା । ଇଥିର୍ଲାଗି ଫେର୍ଘାଏ ପଞ୍ଜିକରଣ୍ କର୍ବାର୍କେ ନାଇଁ ପଡ଼େ । ଇ ବାବ୍ଦେ ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ ୩ ଜିଲ୍ଲା ଗସ୍ତ          ହିନ୍ଦୁସ୍ଥାନ୍ ସମାଚାର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ରଏବାର୍ ଦିନ ସମ୍ବଲ୍ପୁର୍ ଆସୁଛନ୍ । ଇ ଦିନ ମୁଖ୍ୟମନ୍ତ୍ରୀ ବୁର୍ଲା ହାଇସ୍କୁଲ୍ର ପ୍ଲାଟିନମ୍ ଜୁବ୍ଲି ଉତ୍ସବ୍, ସମ୍ବଲ୍ପୁର୍ର ମନ୍ଦଲିଆ ପଡ଼ିଆ ନ ମେଗା ବିବିଏସ୍ଏ କେମ୍ପ୍, କ୍ଷେତରାଜ୍ପୁର୍ ନ ରକ୍ତଦାନ୍ ଶିବିର ଆର୍ ସିନ୍ଦୁର୍ପଙ୍କର୍ ଜନାର୍ଦ୍ଦନ୍ ପୂଜାରୀ ହାଇସ୍କୁଲ୍ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ୍ଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇତାର୍ଉତ୍ରୁ ମୁଖ୍ୟମନ୍ତ୍ରୀ ଭୁବ୍ନେଶ୍ୱର୍ ଫିରିଯିବାର୍ କାର୍ଯ୍ୟକ୍ରମ୍ ରହିଛେ ।

ବୃତିଗତ ପ୍ରତିଯୋଗିତା ଆର୍ଏନ୍ୟୁ/ କଟକ୍

କଟକ୍ ରିଜର୍ଭ ପୁଲିସ୍ ପଡ଼ିଆ ନ ୬୯ ନମ୍ବର୍ ରାଜ୍ୟ ପୁଲିସ୍ ବୃତିଗତ ପ୍ରତିଯୋଗିତା ଉଦ୍ଘାଟିତ୍ ହେଇଯାଇଛେ । ଇଥି ମୁଖ୍ୟଅତିଥି ଭାବେ ପୁଲିସ୍ ମହାନିର୍ଦ୍ଦେଶକ୍ ୱାଇ. ବି. ଖୁରାନିଆ ଯୋଗ୍ ଦେଇକରି କହିଛନ୍ ଯେ, ଦେଶେ ନୂଆଁକରି ଲାଗୁ ହେଇଥିବା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ୍ ଆର୍ ଭାରତୀୟ ନାଗରିକ୍ ସୁରକ୍ଷା ସଂହିତା ପୁଲିସ୍ ଅଧିକାରୀଙ୍କର୍ ବୃତିଗତ ଜ୍ଞାନ ଆର୍ ଦକ୍ଷତା ବୃଦ୍ଧିଥି ସହାୟକ ହେବା । ବୈଷୟିକ ଜ୍ଞାନ୍କୌଶଲ୍

ଆର୍ ଆଧୁନିକ୍ ବିଧିକେ ଉପଯୋଗ୍ କରିକରି ତ୍ୱରିତ୍ ନ୍ୟାୟ ଦେବାର୍ ଉପ୍‌ରେ ଡିଜିପି ଶ୍ରୀ ଖୁରାନିଆ ଗୁରୁତ୍ୱ ଦେଇଛନ୍ । ଇ କାର୍ଯ୍ୟକ୍ରମ୍‌ଥି ୩୭ ପୁଲିସ୍ ଜିଲ୍ଲାନୁ ୩ ଶହ ୧୭ ପ୍ରତିଯୋଗୀ ଭାଗ୍ ନେଇଛନ୍ । ଇଥି ୧୮ ଟା ବିଭାଗ୍‌ଥି ପ୍ରତିଯୋଗିତା ହେବା । କ୍ରାଇମ୍‌ବ୍ରାଂଚ୍ ଆଇ.ଜି. ସଫିନ୍ ଅହମ୍ମଦ୍ ପ୍ରତିଯୋଗୀମାନ୍‌କୁ ଶପଥ୍ ପାଠ୍ କରେଇଥିଲେ । ଆଏବା ୧୬ ତାରିଖ୍ ପ୍ରତିଯୋଗିତା ଉଦ୍‌ଯାପିତ୍ ହେବା ଆର୍ ଇଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେବେ ବଲି ଜନାପଡ଼ିଛେ ।

ଜିଲ୍ଲାସ୍ତରୀୟ ମକ୍‌ଡ୍ରିଲ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ନ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ଜିଲ୍ଲା ପ୍ରାକୃତିକ ବପର୍ଯ୍ୟୟ କମିଟିର୍ ଗୁଟେ ପ୍ରସ୍ତୁତି ବୈଠକ୍ ଆଏଜ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ରେବେକା ବିଲୁଙ୍ଗଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି କଟକ୍‌ର ଏନ୍‌ଡିଆରଏଫ୍‌ର ୩ ନମ୍ବର୍ ବାଟାଲିୟନ୍ କମଡୋର୍ ନୀତେଶ୍ କୁମାର୍ ନୂତନ ଜ୍ଞାନ୍ କୌଶଲ୍ ଆର୍ ପ୍ରଯୁକ୍ତି ବିଦ୍ୟା ଆର୍ ରଣକୌଶଲ ଜରିଏ କେନ୍ତାକରି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରାଯିବା ତାର୍ ଉପ୍‌ରେ ସୂଚ୍‌ନା ଦେଇଥିଲେ । ବନ୍ୟା ଆର୍ ବାତ୍ୟାର୍ ମୁକାବିଲା ଲାଗି ସବୁ

ବିଭାଗ୍ ସଜାଗ୍ ରହିକରି ବହୁତ୍ ଆଘୋନୁ ନିଜର୍ ନିଜର୍ ବିଭାଗ୍ର କାର୍ଯ୍ୟଖସଡ଼ା ତୟାର୍ ରଖିବାର୍ ଲାଗି ପରାମର୍ଶ ଦେଇଥିଲେ । ଇ ବୈଠକ୍ଥି ଭିନ୍ ଭିନ୍ ବିଭାଗ୍ର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ନୂଆପଡ଼ା ଧାନ୍ଘିନା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ୭୭ ଟା ମଣ୍ଡି ଜରିଏ ଆଏଜ୍ତକ୍ ୩ ହଜାର୍ ୩ ଶହ ୫୦ ଝନ୍ ଚାଷୀଙ୍କର୍ନୁ ୧ ଲାଖ୍ ୩୮ ହଜାର୍ କୁଇଂଟାଲ୍ ଧାନ୍ ଘିନାଯାଇଛେ । ୨୬ ଟା ସମବାୟ ସମିତି ଆଉ ମହିଲା ସ୍ୱୟଂ ସହାୟକ ଗୋଷ୍ଠୀଙ୍କର୍ ତର୍ଫୁ ଧାନ୍ ଘିନା ହେଉଥିବାର୍ ବେଲେ ବିକ୍ରି କରିଥିବାର୍ ୨ ହଜାର୍ ଶହେ ୧୮ ଝନ୍ ଚାଷୀଙ୍କୁ ଧାନ୍ର ସହାୟକ ମୂଲ୍ୟ ଆର୍ ଇନ୍ପୁଟ୍ ସାହାଜ୍ ସେମାନ୍କର୍ ବେଙ୍କ୍ ଖାତା ନ ଜମା କରାଯାଇଛେ ।

ମହିଲାଙ୍କୁ ସିଲେଇ ମିସିନ୍ ବଂଟନ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ଷ୍ଟେଟ୍ବେଙ୍କ୍ ଅଫ୍ ଇଣ୍ଡିଆ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ୍ ପ୍ରତିଷ୍ଠାନ୍ ତର୍ଫୁ ଆଏଜ୍ ୧୦ ଝନ୍ ମହିଲା ମାନ୍କୁ

ସିଲେଇ ମିସିନ୍ ଦିଆଯାଇଛେ । ଷ୍ଟେଟ୍‌ବେଙ୍କ୍ ଅଫ ଇଣ୍ଡିଆ ଏଜିଏମ୍ ତପନ୍ କୁମାର୍ ସାହୁ ଇଥି ଯୋଗ୍ ଦେଇକରି ମହିଳାମାନ୍‌କର୍ ଆତ୍ମନିଯୁକ୍ତି ଲାଗି ଇ ସିଲେଇ ମିସିନ୍ ବାଂଟିଥିଲେ । ହେନ୍ତା ଜିଲ୍ଲା ଜେଲ୍ ଭିତ୍‌ରେ ଅନ୍ତେବାସୀମାନ୍‌କୁ ନେଇକରି ଆର୍‌ସେଟି ବୌଦ୍ଧ ତର୍‌ଫୁ ଦିଆଯାଉଥିବା ପାଣିପାଇପ୍ ମରାମତି ତାଲିମ୍ କାର୍ଯ୍ୟକ୍ରମ୍‌ର ଭିଲ୍ ଶ୍ରୀ ସାହୁ ତଦାରଖ୍ କରିଥିଲେ ।

ଦେବ୍‌ଗଡ୍- ମୌଳିକ ସାକ୍ଷରତା ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ପ୍ରାଥମିକ ବିଦ୍ୟାଳୟ ମାନ୍‌କେ ମୌଳିକ୍ ସାକ୍ଷରତା ଆର୍ ସଂଖ୍ୟାଜ୍ଞାନ ସୁଦୃଢ଼ କର୍‌ବାର୍ ଲାଗି ଜିଲ୍ଲା ଦିଗ୍‌ଦର୍ଶନ୍ କମିଟି ଆର୍ ପ୍ରକଳ୍ପ ପରିଚାଳନା ୟୁନିଟ୍‌ର ଗୁଟେ ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ଜିଲ୍ଲାର୍ ସବୁ ପ୍ରାଥମିକ ଶ୍ରେଣୀର୍ ପିଲାମାନ୍‌କୁ ମୌଳିକ ସାକ୍ଷରତା ଆର୍ ସଂଖ୍ୟାଜ୍ଞାନ୍ ହାସଲ୍ କର୍‌ବାର୍ ଆର୍ ଇତାର୍ ଉଦ୍ଦେଶ୍ ଉପ୍‌ରେ ଆଲୋଚନା ହେଇଥିଲା ।

ହକି ଇଣ୍ଡିଆ ଲିଗ୍- ଦୂର୍‌ଦର୍ଶନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

'ହକି ଇଣ୍ଡିଆ କା ଗେମ୍' ହକିକେ ରାଷ୍ଟ୍ରବ୍ୟାପୀ ଉତ୍ସବ୍‌ଥି ପରିବର୍ତ୍ତନ୍ କର୍‌ବାର୍ ସହେତେ ଘରେ ଘରେ ପରିଚିତ କର୍‌ବାର୍ ଲାଗି ଦେଶର୍ ରାଷ୍ଟ୍ରୀୟ ପ୍ରସାରକ ଦୂରଦର୍ଶନ୍ - ହକି ଇଣ୍ଡିଆ ଲିଗ୍ -୨୦୨୪-୨୫ ର ପ୍ରସାରଣ୍ ସହଯୋଗୀ ହେଇଛେ । ଇ ବଛର୍ ହକି ଇଣ୍ଡିଆ ଲିଗ୍ ୨୮ ଡିସେମ୍ବରନୁ ମୁଲ୍ ହେବାର୍‌କେ ଯାଉଛେ । ହକି ଇଣ୍ଡିଆ ଲିଗର ଇ ଖେପେ ୮ ଟା ପୁରୁଷ ଦଲ୍ ସହେତେ ୪ ଟା ମହିଲା ଦଲ୍ ଭାଗ୍ ନେବେ । ଦୂର୍‌ଦର୍ଶନ୍ ସାଙ୍ଗେ ସହଭାଗି ହେବାର୍ ଉଧେ ହକି ଇଣ୍ଡିଆ ଲିଗ୍‌ର ପରିଚାଲନା କମିଟି ଅଧ୍ୟକ୍ଷ ଦିଲ୍ଲୀପ୍ ତିର୍କି ବନେ ଉତ୍ସାହିତ୍ ଥିବାର୍ କହିଛନ୍ ।